# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 15th February - 2025
************************************

*Desk*

## ବିଧାନସଭା

ବିଧାନସଭାରେ ଆଜି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ନେଇ ଆଲୋଚନା ଜାରି ରହିବ । ଗତକାଲି ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ଗତକାଲି ଅଧିବେଶନର ପ୍ରଥମାର୍ଦ୍ଧରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଶୂନ୍ୟକାଳ ଓ ପ୍ରଶ୍ନକାଳ ଚାଲିପାରି ନ ଥିଲା । ତେବେ ଅପରାହ୍ଣ ଅଧିବେଶନ ସ୍ୱାଭାବିକ ରହିଥିଲା ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***BBSR, Dhenkanal/R***

## ମୁଖ୍ୟମନ୍ତ୍ରୀ - ଯୋରନ୍ଦା

ଢେଙ୍କାନାଳ ଜିଲ୍ଲା ଯୋରନ୍ଦାସ୍ଥିତ ମହିମାପୀଠରେ ଏକ ଭବ୍ୟ ମନ୍ଦିର ନିର୍ମାଣ ସହ ଏହାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗତକାଲି ମହିମାପୀଠ

ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଥିପାଇଁ ଜିଲ୍ଲାପାଳଙ୍କୁ ନୂଆ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ଲାଗି ନିର୍ଦ୍ଦେଶ ଦିଆଯାଇଛି ।

***Voice :........***

***IPR***

## ଶକ୍ତି - ବୁଝାମଣାପତ୍ର

ରାଜ୍ୟରେ ଶକ୍ତି ଦକ୍ଷତା ବୃଦ୍ଧି ଏବଂ ବୈଦ୍ୟୁତିକ ଗତିଶୀଳତା ଲକ୍ଷ୍ୟ ହାସଲ ପାଇଁ ରାଜ୍ୟ ଶକ୍ତି ବିଭାଗ ଏବଂ ଏନର୍ଜି ଏଫିସିଏନ୍ସି ସର୍ଭିସେସ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଓଡ଼ିଶାକୁ ଶକ୍ତି ସଂରକ୍ଷଣ ଏବଂ ସ୍ଥାୟିତ୍ୱରେ ଅଗ୍ରଣୀ ରାଜ୍ୟରେ ପରିଣତ କରିବାପାଇଁ ସରକାର କାର୍ଯ୍ୟ କରୁଛନ୍ତି । ଏହି ବୁଝାମଣା ରାଜ୍ୟରେ ଶକ୍ତି ସୁରକ୍ଷା ବୃଦ୍ଧି ଏବଂ ସାର୍ବଜନୀନ ଭିତ୍ତିଭୂମିକୁ ଉନ୍ନତ କରିବାରେ ସହାୟକ ହେବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

***Desk***

## ଶିଶୁଭବନ - ବହିର୍ବିଭାଗ

କଟକ ସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନର ନୂତନ କୋଠାରେ ଆଜିଠାରୁ ବହିର୍ବିଭାଗ କାର୍ଯ୍ୟ କରିବ ।

ପ୍ରତ୍ୟେକ ଦିନ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମେଡିସିନ୍ ଓ ସର୍ଜରୀ ବିଭାଗର ବହିର୍ବିଭାଗ କାର୍ଯ୍ୟ କରିବା ନେଇ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡାକ୍ତର ପ୍ରଭାକର ମିଶ୍ର ସୂଚନା ଦେଇଛନ୍ତି । ଆୟୋଜିତ ଜରୁରୀକାଳୀନ ବୈଠକରେ ଶିଶୁଭବନର ପୁରୁଣା କୋଠାରେ ପୂର୍ବଭଳି ସାଧାରଣ ରୋଗୀସେବା ଯୋଗାଇ ଦିଆଯିବ ବୋଲି ଡାକ୍ତର ମିଶ୍ର କହିଛନ୍ତି ।

***IPR***

## ରଥଯାତ୍ରା - ପ୍ରସ୍ତୁତି ବୈଠକ

ପୁରୀରେ ଆସନ୍ତା ଜୁନ୍ ମାସ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଶୃଙ୍ଖଳିତ ଓ ବ୍ୟବସ୍ଥିତ ଆୟୋଜନପାଇଁ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱରସ୍ଥିତ ଡି.ଜି.ପି.ଙ୍କ କ୍ୟାମ୍ପ୍ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ରଥଯାତ୍ରାରେ ସମ୍ଭାବ୍ୟ ଭିଡ଼ ନିୟନ୍ତ୍ରଣ ଏବଂ ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି କରିବାକୁ ଶ୍ରୀ ଖୁରାନିଆ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

## ସି.ବି.ଏସ୍.ଇ. ପରୀକ୍ଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ - ସି.ବି.ଏସ୍.ଇ.ଦ୍ୱାରା ପରିଚାଳିତ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆଜିଠାରୁ ଆରମ୍ଭ ହେଉଛି । ଦଶମ

ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିଭଳି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଏପ୍ରିଲ୍ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଚଳିତ ବର୍ଷ ଦେଶରେ ପ୍ରାୟ ୪୨ ଲକ୍ଷ ଛାତ୍ରଛାତ୍ରୀ ସି.ବି.ଏସ୍.ଇ. ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଉଛନ୍ତି ।

***Bhadrak/R***

# ଗ୍ରାମସଭା

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ୍‌ର ୨୩ଟି ପଞ୍ଚାୟତରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ଗ୍ରାମସଭା ଅନୁଷ୍ଠିତ ହୋଇଛି । ଏହି ଯୋଜନାରେ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, କ୍ରୀଡ଼ା ଓ ପର୍ଯ୍ୟଟନସ୍ଥଳୀର ବିକାଶ ସମ୍ପର୍କରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଆଲୋଚନା କରିଥିଲେ ।

***Desk***

# ନାଟକ ଉତ୍ସବ

ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ଆସନ୍ତାକାଲିଠାରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ନାଟକ ଉତ୍ସବ ରଙ୍ଗସଙ୍ଗମ ଅନୁଷ୍ଠିତ ହେବ । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ୫ ଦିନିଆ କାର୍ଯ୍ୟକ୍ରମରେ ପ୍ରତିଦିନ ସନ୍ଧ୍ୟା ସାଢ଼େ ୬ଟାରେ ନାଟକ ମଞ୍ଚସ୍ଥ ହେବ ।

*IPR*

## ଜାତୀୟ କ୍ରୀଡ଼ା ପ୍ରତିଯୋଗିତା

ଉତ୍ତରାଖଣ୍ଡରେ ଅନୁଷ୍ଠିତ ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଗତକାଲି ଉଦ୍‌ଯାପିତ ହୋଇଛି । ଏଥିରେ ଓଡ଼ିଶାର ଖେଳାଳିମାନେ ୧୪ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଏବଂ ୧୭ଟି କାଂସ୍ୟ ପଦକ ସହ ମୋଟ୍ ୪୬ଟି ପଦକ ହାସଲ କରିଛନ୍ତି । ଖେଳାଳିମାନଙ୍କ ଏହି ସଫଳତାପାଇଁ ରାଜ୍ୟ ସରକାର ପୁରସ୍କାର ରାଶି ଘୋଷଣା କରିଛନ୍ତି । ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଖେଳାଳିମାନଙ୍କୁ ୬ ଲକ୍ଷ ଟଙ୍କା, ରୌପ୍ୟ ପଦକ ପାଇଁ ୪ ଲକ୍ଷ ଏବଂ କାଂସ୍ୟ ପଦକପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ ।

*Desk*

## ଏଫ୍.ଆଇ.ଏଚ୍. ପ୍ରୋ ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଏଫ୍.ଆଇ.ଏଚ୍. ପ୍ରୋ ହକି ଲିଗ୍ ଆରମ୍ଭ ହେଉଛି । ଆଜି ପ୍ରଥମ ଦିନରେ ମହିଳା ବର୍ଗରେ ଅପରାହ୍ଣ ୩ଟାରେ ଜର୍ମାନ୍ ଓ ସ୍ପେନ୍ ମଧ୍ୟରେ ଏବଂ ସନ୍ଧ୍ୟା ୫ଟା ୧୫ ମିନିଟ୍‌ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ । ସେହିଭଳି ପୁରୁଷ ବର୍ଗରେ ସନ୍ଧ୍ୟା ସାଢ଼େ ୭ଟାରେ ଭାରତ ଓ ସ୍ପେନ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

*Desk*

# ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରାଜ୍ୟରେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ । ତେବେ ପଶ୍ଚିମା ଝଡ଼ର ପ୍ରଭାବରେ ୧୯ ତାରିଖରୁ କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ।

*****